# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 23 September – 2026

********************************

## ମୁଖ୍ୟ ସମ୍ବାଦ

- ବିଭିନ୍ନ ପ୍ରସଙ୍ଗକୁ ନେଇ ବିରୋଧୀ ସଦସ୍ୟଙ୍କ ହଟ୍ଟଗୋଳ ଯୋଗୁଁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ବିଧାନସଭା ମୁଲତବୀ

– ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୨ ହଜାର ୯୧୫ଟି ଷ୍ଟାର୍ଟଅପ୍ ପଞ୍ଜୀକୃତ ହୋଇଥିବା ଗୃହରେ ବିଭାଗୀୟ ମନ୍ତ୍ରୀଙ୍କ ସୂଚନା

- ଆୟୁଷ୍ମାନ ଭାରତ - ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନାକୁ ଆଜି ପୂରିଲା ୮ ବର୍ଷ

- ଗଭୀର ଅବପାତର ମୁକାବିଲା ନେଇ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି; କହିଲେ ରାଜସ୍ୱ ମନ୍ତ୍ରୀ

ଏବଂ

- ସୁସ୍ଥ ଭବିଷ୍ୟତ ପାଇଁ ଆୟୁର୍ବେଦର ବାର୍ତ୍ତା ନେଇ ଆଜି ପାଳନ କରାଯାଉଛି ଆୟୁର୍ବେଦ ଦିବସ

BBSR/R

## ବିଧାନସଭା-ଇଣ୍ଟ୍ରୋ

ସପ୍ତଦଶ ବିଧାନସଭାର ମୌସୁମୀ ଅଧିବେଶନର ଆଜି ଦ୍ୱିତୀୟ ଦିନରେ ବିରୋଧୀ ସଦସ୍ୟଙ୍କ ହଟ୍ଟଗୋଳ ଯୋଗୁଁ ଗୃହକାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଆରମ୍ଭ ହେବାର ୫ ମିନିଟ୍‌ପରେ ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ଗୃହକୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ମୁଲତବୀ ରଖିଛନ୍ତି। ବିରୋଧୀ ସଦସ୍ୟମାନେ ବିଦ୍ୟାଳୟ ପାଠ୍ୟପୁସ୍ତକ ତ୍ରୁଟି ଓ ଏମ୍.ଏମ୍.ଡି.ଆର୍ ସଂଶୋଧନ ଆଇନ ପ୍ରତ୍ୟାହାର ଦାବି ପ୍ରସଙ୍ଗକୁ ନେଇ ଗୃହ ମଧ୍ୟରେ ହୋହାଲ୍ଲା କରିଥିଲେ। ଉପବାଚସ୍ପତି ବିରୋଧୀ ସଦସ୍ୟମାନଙ୍କୁ ଆସନ ଫେରିଯିବାକୁ ଅନୁରୋଧ କରିଥିଲେ ମଧ୍ୟ କୌଣସି ସୁଫଳ ନ ମିଳିବାରୁ ଗୃହକୁ ମୁଲତବୀ ରଖାଯାଇଛି।

BBSR/R

## ବିଧାନସଭା– ଷ୍ଟାର୍ଟଅପ୍ ପଞ୍ଜୀକୃତ

ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୨ ହଜାର ୯୧୫ଟି ଷ୍ଟାର୍ଟଅପ୍ ପଞ୍ଜୀକୃତ ହୋଇଛି ବୋଲି ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଛନ୍ତି। ବିଧାନସଭାରେ ସଦସ୍ୟ ପବିତ୍ର ସାଉଁତାଙ୍କ ପ୍ରଶ୍ନର ଉତ୍ତରରେ ଶ୍ରୀ ମଲ୍ଲିକ କହିଛନ୍ତି, ନୂଆ ଷ୍ଟାର୍ଟଅପ୍ ପାଇଁ ୩ ହଜାର ୯୧ଟି ଆବେଦନ ହୋଇଛି। ଷ୍ଟାର୍ଟଅପ୍‌ଗୁଡ଼ିକର ମୂଲ୍ୟାୟନ ଓ ବିଭିନ୍ନ ପ୍ରକ୍ରିୟାରେ ସହଯୋଗ ପାଇଁ ୧୨ଟି ନୋଡାଲ ଏଜେନ୍ସି ଏବଂ ଅନ୍ୟାନ୍ୟ ସୁବିଧା ପ୍ରଦାନ ପାଇଁ ୪୨ଟି ଇନ୍‌କ୍ୟୁବେଟର ସହିତ ରାଜ୍ୟ ସରକାର ସମନ୍ୱୟ

କରୁଛନ୍ତି। ବର୍ତ୍ତମାନ ୭୧୪ଟି ଷ୍ଟାର୍ଟଅପ୍‌କୁ ବିଭିନ୍ନ ଯୋଜନା ମାଧ୍ୟମରେ ପ୍ରୋତ୍ସାହନ ଦିଆଯାଇଛି। ଏଥିସହିତ ଷ୍ଟାର୍ଟଅପ୍‌ଗୁଡ଼ିକୁ ବ୍ୟବସାୟ ମାର୍ଗଦର୍ଶନ ଓ ପରାମର୍ଶ ପ୍ରଦାନ ପାଇଁ ୪୫ ଜଣ ମେଣ୍ଟର ଉପଲବ୍ଧ ଅଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ମଲ୍ଲିକ ଗୃହରେ ସୂଚନା ଦେଇଛନ୍ତି।

BBSR/R

## ବିଧାନସଭା– ମଡେଲ ମଣ୍ଡି

ରାଜ୍ୟରେ ୩୪ଟି ମଡେଲ ମଣ୍ଡି ନିର୍ମାଣ ପାଇଁ ଟେଣ୍ଡର ପ୍ରକ୍ରିୟା ଜାରି ରହିଛି ବୋଲି ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ବିଧାନସଭାରେ କହିଛନ୍ତି। ବର୍ତ୍ତମାନ ୪ଟି ମଡେଲ ମଣ୍ଡି ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। କଟକରେ ୨ଟି ଏବଂ ପୁରୀ ଓ ଖୋର୍ଦ୍ଧାରେ ଗୋଟିଏ ଲେଖାଏଁ ମଣ୍ଡି ରହିଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ୩୮ଟି ମଡେଲ ମଣ୍ଡି ନିର୍ମାଣ ପାଇଁ ୩୦୦ କୋଟି ଟଙ୍କାର ବ୍ୟୟବରାଦ ପ୍ରସ୍ତାବକୁ କ୍ୟାବିନେଟ୍‌ର ଅନୁମୋଦନ ମିଳିଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ଆଉ ୬୨ଟି ମଡେଲ ମଣ୍ଡି ବିକଶିତ କରାଯିବାକୁ ନିଷ୍ପତ୍ତି ହୋଇଛି ବୋଲି ମନ୍ତ୍ରୀ ଶ୍ରୀ ବଳସାମନ୍ତ ଗୃହକୁ ଅବଗତ କରାଇଛନ୍ତି।

BBSR/R

## ବିଧାନସଭା– ଧାନବିକ୍ରି

ଚଳିତ ଖରିଫ ଋତୁରେ ଧାନ ବିକ୍ରି ପାଇଁ ମୋଟ ୨୨ ଲକ୍ଷ ୨୭ ହଜାର ୭୧୩ ଜଣ ଚାଷୀ ପଞ୍ଜୀକରଣ କରିଛନ୍ତି ବୋଲି ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଗୃହରେ କହିଛନ୍ତି। ସଦସ୍ୟ ତାରାପ୍ରସାଦ

ବାହିନୀପତିଙ୍କ ଏକ ପ୍ରଶ୍ନର  ଉତ୍ତରରେ ଶ୍ରୀ ସାମନ୍ତ କହିଛନ୍ତି, ଗତ ବର୍ଷ ତୁଳନାରେ ଚଳିତ ବର୍ଷ ୨ ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀ ରାଜ୍ୟରେ ଖରିଫ ଧାନ ବିକ୍ରି ପାଇଁ ପଞ୍ଜୀକରଣ କରିଛନ୍ତି। ପଞ୍ଜୀକରଣ ପ୍ରକ୍ରିୟାରେ ୨ ହଜାର ୯୬୨ଟି ସମବାୟ ସମିତି, ୩୫ଟି ମହିଳା ସ୍ୱୟଂସହାୟକ ଗୋଷ୍ଠୀ ଓ ୪ଟି ପାଣିପଞ୍ଚାୟତ ଭଳି ସଂସ୍ଥାକୁ ସାମିଲ କରାଯାଇଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

Assembly

## ବିଧାନସଭା-ରାସନକାର୍ଡ ବାଦ୍

ରାଜ୍ୟରେ ନୂତନ ରାସନକାର୍ଡ ପାଇଁ ସମୁଦାୟ ୨୧ ଲକ୍ଷ ୮୭ ହଜାର ୮୫ଟି ଆବେଦନ ମିଳିଛି। ସେଥିମଧ୍ୟରୁ ୧୬ ଲକ୍ଷ ୯୯ ହଜାର ୪୫୧ଟି ଆବେଦନର କ୍ଷେତ୍ର ତର୍ଜମା ଶେଷ ହୋଇଛି ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଗୃହରେ କହିଛନ୍ତି। ଯୋଗ୍ୟ ବିବେଚିତ ହୋଇଥିବା ୭ ଲକ୍ଷ ୧୭ ହଜାର ୭୯୦ ପରିବାରର ୧୪ ଲକ୍ଷ ୨୧ ହଜାର ୨୨୪ ଜଣ ସଦସ୍ୟଙ୍କୁ ନୂତନ ରାସନକାର୍ଡ ପ୍ରଦାନ କରାଯାଇଛି। କ୍ଷେତ୍ର ତର୍ଜମା ପରେ ୯ ଲକ୍ଷ ୮୧ ହଜାର ୬୬୧ଟି ଜଣ ଅଯୋଗ୍ୟ ହିତାଧିକାରୀ ରାସନକାର୍ଡରୁ ବାଦ୍ ପଡ଼ିଛନ୍ତି ବୋଲି ମନ୍ତ୍ରୀ ଗୃହକୁ ଅବଗତ କରାଇଛନ୍ତି।

Desk

## ଆୟୁଷ୍ମାନ ଭାରତ

ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନାକୁ ଆଜି ୮ ବର୍ଷ ପୂରଣ ହୋଇଛି। ୨୦୧୮ ମସିହା ସେପ୍ଟେମ୍ବର ମାସରେ ଝାଡ଼ଖଣ୍ଡର ରାଞ୍ଚିରେ ଆରମ୍ଭ ହୋଇଥିବା ଏହି ଯୋଜନା ବିଶ୍ୱର ସର୍ବବୃହତ୍ ସରକାରୀ ସ୍ୱାସ୍ଥ୍ୟ ଯୋଜନା ଭାବେ ପରିଗଣିତ ହୋଇଛି । ଭାରତରେ ପ୍ରାୟ ୬୦ କୋଟିରୁ ଅଧିକ ହିତାଧିକାରୀଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା କ୍ଷେତ୍ରରେ ଏହା ବଡ ପରିବର୍ତ୍ତନ ଆଣିଛି । ପରିବାରଗୁଡ଼ିକୁ ବାର୍ଷିକ ୫ ଲକ୍ଷ ଟଙ୍କାର ଚିକିତ୍ସା ସୁବିଧା ଯୋଗାଇ ଦେବା ସହ ଦେୟମୁକ୍ତ ସେବା ଆରମ୍ଭ କରାଯାଇଛି । ପ୍ରଧାନମନ୍ତ୍ରୀ କହିଛନ୍ତି, ଅଦ୍ୟାବଧି ଆୟୁଷ୍ମାନ ମନ୍ଦିରକୁ ୫୦୦ କୋଟିରୁ ଅଧିକ ଥର ରୋଗୀ ସେବା ପାଇଁ ଯାଇଛନ୍ତି । ତୃଣମୂଳ ସ୍ତରରେ ସ୍ୱାସ୍ଥ୍ୟସେବା ଅଧିକ ସୁଦୃଢ଼ କରିଥିବା ଏହା ପ୍ରତିପାଦନ କରୁଛି । ଆମ ସମ୍ବାଦଦାତା ଜଣାଇଛନ୍ତି ଯେ, ୪୮ କୋଟି ୫୪ ଲକ୍ଷରୁ ଅଧିକ ଆୟୁଷ୍ମାନ କାର୍ଡ ବର୍ତ୍ତମାନ ସୁଦ୍ଧା ଦିଆଯାଇଛି ।

କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜଗତପ୍ରକାଶ ନଡ୍ଡା କହିଛନ୍ତି ଯେ, ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା ଦେଶର ଅନେକ ନିୟୁତ ଲୋକଙ୍କ ନିକଟରେ ସ୍ୱାସ୍ଥ୍ୟସେବା ପହଞ୍ଚି ସେମାନଙ୍କ ଜୀବନରେ ବଡ଼ ପରିବର୍ତ୍ତନ ଆଣିପାରିଛି ।

ଏହି ଯୋଜନା ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ସହ ହିତାଧିକାରୀଙ୍କ ପରିବାରଗୁଡ଼ିକୁ ଆର୍ଥିକ ସୁରକ୍ଷା ମଧ୍ୟ ଦେଇପାରିଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶନରେ ଏହି ଯୋଜନା ପ୍ରତ୍ୟେକ ହିତାଧିକାରୀଙ୍କ ନିକଟରେ ପହଞ୍ଚି ପାରିଛି । ସେ ପୁଣି କହିଛନ୍ତି, ପ୍ରତ୍ୟେକ ନାଗରିକଙ୍କୁ ବିନା ଆର୍ଥିକ ବୋଝରେ ମର୍ଯ୍ୟାଦାର ସହ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପହଞ୍ଚିବା ସରକାର ସୁନିଶ୍ଚିତ କରିଛନ୍ତି ।

BBSR/RN.pur/M.giri/Ganjam/Desk

# ପାଣିପାଗ-ବର୍ଷା

ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ଅବପାତ ଗଭୀର ଅବପାତରେ ପରିଣତ ହୋଇଛି। ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ଲଗାଣ ବର୍ଷା ଜାରି ରହିଛି। ପାଣିପାଗ ବିଭାଗର ସୂଚନା ଅନୁସାରେ, ଗଭୀର ଅବପାତ ଗତ ୬ ଘଣ୍ଟା ଧରି  ୫ କିଲୋମିଟର ବେଗରେ ଗତି କରୁଛି। ଏହା ପଶ୍ଚିମ-ଉତ୍ତର-ପଶ୍ଚିମ ଦିଗକୁ ମୁହାଁଇବାର ସମ୍ଭାବନା ରହିଛି। ରାତି ସୁଦ୍ଧା ଏହା ଉତ୍ତର ଆନ୍ଧ୍ର– ଦକ୍ଷିଣ ଓଡ଼ିଶା ଉପକୂଳ ଅତିକ୍ରମ କରିବାର ସମ୍ଭାବନା ରହିଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଅଧକ୍ଷତାରେ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟରେ ଗଭୀର ଅବପାତର ମୁକାବିଲା ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ପରିସ୍ଥିତିର ମୁକାବିଲା ପାଇଁ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି। ଜନସାଧାରଣଙ୍କ ଧନଜୀବନର ସୁରକ୍ଷା ସରକାରଙ୍କ ପ୍ରାଥମିକତା ବୋଲି ଶ୍ରୀ ପୂଜାରୀ କହିଛନ୍ତି। **- V/O -**

ଏଥିରେ ରାଜସ୍ୱ ସଚିବ ଓ ଆଞ୍ଚଳିକ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶକ ମନୋରମା ମହାନ୍ତି ପ୍ରମୁଖ ଉପସ୍ଥିତ ରହିବା ସହ ଦକ୍ଷିଣ ଓଡ଼ିଶାର ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳମାନେ ଆଭାସୀ ମାଧ୍ୟମରେ ଯୋଡ଼ି ହୋଇଥିଲେ। ପ୍ରଭାବିତ ହେବାକୁ ଥିବା ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ସତର୍କ ରହିବାକୁ ମନ୍ତ୍ରୀ ଶ୍ରୀ ପୂଜାରୀ ନିର୍ଦ୍ଦେଶ ଦେଇଛନ୍ତି। ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନାଗିରି, ନବରଙ୍ଗପୁର ଓ କଳାହାଣ୍ଡିକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯାଇଥିବାବେଳେ ନୂଆପଡ଼ା, ବଲାଙ୍ଗୀର, କନ୍ଧମାଳ, ପୁରୀ, ଖୋର୍ଦ୍ଧା ଓ ନୟାଗଡ଼ରେ ଉଚ୍ଚସ୍ତରୀୟ ପ୍ରସ୍ତୁତି ରଖାଯାଇଛି। ପ୍ରବଳ ବର୍ଷା ଓ ଗଭୀର ଅବପାତର ପ୍ରଭାବକୁ ଦୃଷ୍ଟିରେ ରଖି ଜନସାଧାରଣ ସ୍ଥାନୀୟ ପାଣିପାଗ ସୂଚନା ଓ ପ୍ରଶାସନର ପରାମର୍ଶ ପ୍ରତି ସଚେତନ ରହିବା ସହ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦିଆଯାଇଛି।

ବର୍ଷାକୁ ଦୃଷ୍ଟିରେ ରଖି ୧୨ଟି ଜିଲ୍ଲାର ସ୍କୁଲ୍ ଓ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକୁ ଆସନ୍ତାକାଲି ପର୍ଯ୍ୟନ୍ତ ସରକାରୀ ସ୍ତରରେ ଛୁଟି ଘୋଷଣା କରାଯାଇଛି ।

ଗଭୀର ଅବପାତକୁ ଦୃଷ୍ଟିରେ ରଖି ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ବିଭିନ୍ନ ବ୍ଲକରୁ ୪୨୧ ଜଣଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ଛତ୍ରପୁର, ଗଞ୍ଜାମ, ରଙ୍ଗେଇଲୁଣ୍ଡା, ଚିକିଟି ବ୍ଲକ ଅଧୀନ ବିଭିନ୍ନ ମତ୍ସ୍ୟ

ବିତରଣ କେନ୍ଦ୍ରରେ ୧ ହଜାର ୫୯୧ଟି ଡଙ୍ଗାକୁ ସୁରକ୍ଷିତଭାବେ କୂଳରେ ରଖାଯାଇଛି ।

ନବରଙ୍ଗପୁର ଓ ମାଲକାନଗିରି ଜିଲ୍ଲାରେ ସମ୍ଭାବ୍ୟ ବର୍ଷାକୁ ଦୃଷ୍ଟିରେ ରଖି ସମ୍ବେଦନଶୀଳ ଅଞ୍ଚଳରୁ ଲୋକଙ୍କୁ ସୁରକ୍ଷିତ ସ୍ଥାନାନ୍ତରଣ ଓ ଆଶ୍ରୟସ୍ଥଳୀର ପ୍ରସ୍ତୁତି କରାଯିବା ସହ ଉଦ୍ଧାରକାରୀ ଦଳକୁ ମୁତୟନ କରାଯାଇଛି । ଜରୁରୀ ପରିସ୍ଥିତିର ମୁକାବିଲା ପାଇଁ ମାଲକାନଗିରି ଜିଲ୍ଲାରେ ବିପର୍ଯ୍ୟୟ ପ୍ରଶମନ ଦଳକୁ ନିୟୋଜିତ କରାଯାଇଛି ।

Kataka

# ସେବା ସଂକଳ୍ପ ଅଭିଯାନ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନସେବାକୁ ୨୫ ବର୍ଷ ପୂରଣ ହୋଇଛି । ଜନସେବାରୁ ଦେଶସେବା ମନ୍ତ୍ର ଆଧାରିତ ଜୟଯାତ୍ରା ଏବଂ ଏପର୍ଯ୍ୟନ୍ତ ଜାରି ରହିଥିବା ନିରନ୍ତର ଅଙ୍ଗୀକାରବଦ୍ଧତାକୁ ଏହା ପ୍ରକାଶ କରୁଛି । ସେବା ଏବଂ ସୁଶାସନକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ପୂରଣ ଲାଗି ନିରନ୍ତର କାର୍ଯ୍ୟ କରିଆସୁଛନ୍ତି । ସମାବେଶୀ ବିକାଶ ଏବଂ ସାମାଜିକ ସଶକ୍ତୀକରଣ ଜରିଆରେ ଏହି ଉତ୍ସର୍ଗୀକୃତ ସିଦ୍ଧାନ୍ତ ଜୀବନ୍ତ ରୂପ ନେଇଛି । ସେବା ସଂକଳ୍ପ ଅଭିଯାନର ଏହି ଧାରାବାହିକରେ ଆଜି ଶୁଣନ୍ତୁ ଇଜ୍ ଅଫ ଡୁଇଙ୍ଗ ବିଜିନେସ୍ ସମ୍ପର୍କରେ...

ନୂତନ ବ୍ୟବସାୟ ଆରମ୍ଭ, ପରିଚାଳନା ଓ ସମ୍ପ୍ରସାରଣ ପର୍ଯ୍ୟନ୍ତ ପ୍ରକ୍ରିୟାକୁ ସରଳ, ଡିଜିଟାଲ ଓ ପାରଦର୍ଶୀ କରିବା ଲକ୍ଷ୍ୟରେ କେନ୍ଦ୍ର ସରକାର ଇଜ୍ ଅଫ୍ ଡୁଇଙ୍ଗ୍ ବିଜ୍‌ନେସ୍ ଉପରେ ଗୁରୁତ୍ୱ ଦେଉଛନ୍ତି। ଦେଶରେ ବ୍ୟବସାୟିକ ପରିବେଶକୁ ସରଳ କରିବା ଦିଗରେ ଶିଳ୍ପ ଓ ଆଭ୍ୟନ୍ତରୀଣ ବାଣିଜ୍ୟ ପ୍ରୋତ୍ସାହନ ବିଭାଗ– ଡି.ପି.ଆଇ.ଆଇ.ଟି.ର ନେତୃତ୍ୱରେ ବିଜ୍‌ନେସ୍ ରଫର୍ମର୍ସ ଆକ୍ସନ ପ୍ଲାନ୍- ବି.ଆର୍.ଏ.ପି. ମାଧ୍ୟମରେ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକରେ ବିଭିନ୍ନ ସଂସ୍କାରମୂଳକ କାର୍ଯ୍ୟ ହାତକୁ ନିଆଯାଇଛି। ଜାତୀୟ ଏକକ ବାତାୟନ ବ୍ୟବସ୍ଥା ମାଧ୍ୟମରେ ଉଦ୍ୟୋଗୀ ଆବଶ୍ୟକ ଅନୁମତି, ଅନଲାଇନ୍ ଆବେଦନର ସ୍ଥିତି ଜାଣିପାରୁଛନ୍ତି। ଜନବିଶ୍ୱାସ ଏବଂ ଅନୁପାଳନ ସରଳୀକରଣ ଭଳି ପଦକ୍ଷେପ ସରକାର ଗ୍ରହଣ କରୁଛନ୍ତି। ରାଜ୍ୟରେ ମଧ୍ୟ ବ୍ୟବସାୟିକ ପ୍ରକ୍ରିୟାକୁ ସହଜ କରିବା ପାଇଁ ଗୋସ୍ୱିଫ୍ଟ ମାଧ୍ୟମରେ ଏକକ ପ୍ଲାଟଫର୍ମରେ ନିବେଶକଙ୍କୁ ବିଭିନ୍ନ ଅନୁମତି, ଆବେଦନ, ଟ୍ରାକିଂର ସୁବିଧା ପ୍ରଦାନ କରାଯାଉଛି। ଇଜ୍ ଅଫ୍ ଡୁଇଙ୍ଗ୍ ବିଜ୍‌ନେସ୍‌ର ମୂଳଲକ୍ଷ୍ୟ ଉପରେ ରାଜ୍ୟ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗର ସେକ୍ରେଟାରୀ ଜେନେରାଲ ସ୍ୱାତିକ ସ୍ୱାଇଁ କହିଛନ୍ତି...

**- V/O -**

HS/Desk

# ଆୟୁର୍ବେଦ ଦିବସ

ପ୍ରାଚୀନ ଜ୍ଞାନଧାରା, ମାନବ ଜୀବନ ଏବଂ ପୃଥିବୀ ସହିତ ସମନ୍ୱୟ ରଖି ଚିକିତ୍ସା ଦୃଷ୍ଟିକୋଣକୁ ଆୟୁର୍ବେଦ ପ୍ରସ୍ତୁତ କରିଥାଏ । ମାନବ ଜାତି ଏବଂ ପୃଥିବୀ ପାଇଁ ଆୟୁର୍ବେଦ ସମସ୍ତଙ୍କୁ ଜ୍ଞାନର ଗଭୀର ମୂଲ୍ୟ ବୁଝାଇବା ସହିତ ମନୁଷ୍ୟର ସ୍ୱାସ୍ଥ୍ୟକୁ ପ୍ରକୃତି ସହିତ ସମନ୍ୱୟ ରଖିବା ପାଇଁ ଆୟୁର୍ବେଦ ବାର୍ତ୍ତା ଦେଇଥାଏ । ଚଳିତବର୍ଷଠାରୁ ଜାତୀୟ ଆୟୁର୍ବେଦ ଦିବସକୁ ଆଜିର ଦିନରେ ପାଳନ କରିବା ଏକ ଐତିହାସିକ ପଦକ୍ଷେପ । ଆୟୁର୍ବେଦ ଶାରୀରିକ ଓ ମାନସିକ ସନ୍ତୁଳନ ଉପରେ ପର୍ଯ୍ୟବେସିତ । ଏହା ଏକ ଚିକିତ୍ସା ପଦ୍ଧତି ଏବଂ ଜୀବନ ଶୈଳୀ। ଚଳିତବର୍ଷ ଜାତୀୟ ଆୟୁର୍ବେଦ ଦିବସର ବାର୍ତ୍ତା ହେଉଛି **ସୁସ୍ଥ ଭବିଷ୍ୟତ ପାଇଁ ଆୟୁର୍ବେଦ।**

ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ଶୁଭେଚ୍ଛା ଜଣାଇ କହିଛନ୍ତି, ଭାରତୀୟ ପ୍ରାଚୀନ ଯୋଗ ପରମ୍ପରାକୁ ବିଶ୍ୱସ୍ତରୀୟ ପରିଚୟ ପ୍ରଦାନ କରିବା ସହ ଆୟୁର୍ବେଦକୁ ଆଧୁନିକ ଗବେଷଣା ଏବଂ ବିଶ୍ୱ ସ୍ୱାସ୍ଥ୍ୟ ସହ ଯୋଡ଼ିବା ଦିଗରେ ସରକାର ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି।

ଆୟୁର୍ବେଦକୁ ଆପଣାଇ ପ୍ରକୃତିର ସମନ୍ୱୟରେ ସୁସ୍ଥ ଜୀବନ ଓ ସୁନ୍ଦର ପୃଥିବୀ ଗଢ଼ିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆହ୍ୱାନ ଦେଇଛନ୍ତି।

ଭୁବନେଶ୍ୱର ଖାରବେଳଭବନ ପରିସରରେ ଆୟୋଜିତ ୧୧ତମ ଆୟୁର୍ବେଦ ଦିବସକୁ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଉଦ୍‌ଘାଟନ କରିଛନ୍ତି। ଏହି ଶିବିର ମାଧ୍ୟମରେ ଆୟୁର୍ବେଦ ଚିକିତ୍ସା ଓ ସ୍ୱାସ୍ଥ୍ୟ ସଚେତନତାକୁ ସୁଦୃଢ଼ କରିବାକୁ ପ୍ରୟାସ କରାଯାଉଛି ବୋଲି ମନ୍ତ୍ରୀ କହିଛନ୍ତି।